ଧରିତ୍ରୀ
DHARITRI
ମଙ୍ଗଳବାର, ୫ ଜାନୁୟାରୀ ୨୦୨୧



## ସଂକ୍ଷେପରେ

### ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ସ୍କ୍ୱାଡ୍ ସଦସ୍ୟ ଗୁରୁତର



**ଢେଙ୍କାନାଳ ଅଫିସ,୪।୧:** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ରାସୋଳ ସେକ୍ସନ ପଞ୍ଚପଡା ନିକଟସ୍ଥ ବେଡା ଅଞ୍ଚଳରେ ସୋମବାର ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀସ୍କ୍ୱାଡ୍ ସଦସ୍ୟ ଛବି ନାରାୟଣ ପାଳ(୪୫) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଶିକାରୀମାନେ ବାର୍‌ହା ଶିକାର ପାଇଁ ଜଙ୍ଗଲ ମଧ୍ୟରେ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ ପକାଇଥିଲେ। ଛବି ନାରାୟଣ ଉକ୍ତ ବାଟଦେଇ ହାତୀଙ୍କ ଉପରେ ନଜର ରଖିବାକୁ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଛବି ନାରାୟଣଙ୍କ ଘର ରାସୋଳ ଥାନା କଳିଙ୍ଗାପାଳ ଗ୍ରାମରେ। ହିନ୍ଦୋଳ ରେଞ୍ଜର ଲୋହିତ ରଥ କହିଛନ୍ତି, ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଛବି ନାରାୟଣ ପାଳ ଗୁରୁତର ହୋଇଛନ୍ତି। ବିଭାଗ ପକ୍ଷରୁ କର୍ମଚାରୀମାନଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଛି।

### ଆତ୍ମହତ୍ୟା କରିଥିଲେ ପ୍ରେମୀ ଯୁଗଳ, ସହଯୋଗୀ
#### ୫ ମାସ ପରେ ସ୍ପଷ୍ଟ କଲା ପୋଲିସ

**ଛେଣ୍ଡିପଦା,୪।୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ବାଲିକୁଦିଆ ଜଙ୍ଗଲର ୨ଟି ଗଛରୁ ଗତ ଜୁଲାଇ ୩୦ ତାରିଖରେ ପୋଲିସ ୩ଟି ମୃତଦେହ ଜବତ କରିଥିଲା। ସ୍ଥାନୀୟ ଲୋକେ ମୃତଦେହ ଚିହ୍ନଟ କରିବା ସହ ସେମାନେ ପ୍ରେମିକା, ପ୍ରେମିକ ଓ ସହଯୋଗୀ ବୋଲି ପୋଲିସକୁ କହିଥିଲେ। ତେବେ ସେମାନେ ଆତ୍ମହତ୍ୟା କରିଛନ୍ତି ନା କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଛି ତାହାକୁ ନେଇ ସନ୍ଦେହ ଉପୁଜିଥିଲା। ଦୀର୍ଘ ୫ ମାସ ଧରି ପୋଲିସ ଏହାର ତଦନ୍ତ କରିବା ପରେ ସୋମବାର ଘଟଣା ଉପରୁ ପରଦା ଉଠାଇଛି। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନି କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରି ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ଜାଣିବାକୁ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ, ଫରେନସିକ୍ ଓ ଭିସେରା ରିପୋର୍ଟ ଏବଂ ମୃତଦେହ ମିଳିଥିବା ସ୍ଥାନର ପାରିପାର୍ଶ୍ୱିକ ତଦନ୍ତରୁ ୩ଜଣ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି ବୋଲି ଛେଣ୍ଡିପଦା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ ପ୍ରକାଶ କରିଛନ୍ତି। ତେବେ ଏ ନେଇ ସେ ଅଧିକ ତଥ୍ୟ ଦେଇପାରି ନାହାନ୍ତି।

### ୨୧ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୪।୧:** ଅନୁଗୋଳ ଜିଲାରୁ ସୋମବାର ୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୯୪୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ସର୍ବାଧିକ ୧୧ ଜଣ, ଛେଣ୍ଡିପଦା ବ୍ଲକରୁ ୩, ବଣ୍ଠରପାଳ ବ୍ଲକରୁ ୩, ଅନୁଗୋଳ ବ୍ଲକରୁ ୨, କିଶୋରନଗର ବ୍ଲକରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୩ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

**ବଣ୍ଠରପାଳ,୪।୧(ଡି.ଏନ.ଏ.):** ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ତରଫରୁ ସିପିପି ପ୍ରଶାସନିକ କାର୍ଯ୍ୟାଳୟଠାରେ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ସିପିପିରେ କାର୍ଯ୍ୟରତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ବରିଷ୍ଠ ଶ୍ରମିକ ନେତା ପ୍ରଦୀପ କୁମାର ସାହୁ, ସୁଶୀଲ କୁମାର ସିଂ ଓ ବିନୋଦ ନାଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରମିକ ନେତା ବିଭବ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ତୋଷ ମହାରଣା, ପ୍ରଣବ ଜେନା, ଶୁଭ୍ରାଂଶୁ ବେହେରା, ପି.କେ. ମିଶ୍ର, ନଟବର ବେହେରା, ଶରତ ସେଠୀ, ଶାନ୍ତନୁ ସାହୁ, ପବିତ୍ର ପ୍ରଧାନ, ଶରତ ପ୍ରଧାନ, ବସନ୍ତ ଦଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଶଙ୍କାରେ ପକାଉଛି ଶିକ୍ଷକ ଅଭାବ

**ବଇଣ୍ଡା,୪।୧(ଡି.ଏନ.ଏ.)**

ମେ' ୩ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏହା ପୂର୍ବରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଆସନ୍ତା ୮ ତାରିଖରୁ ହାଇସ୍କୁଲଗୁଡ଼ିକୁ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ୧୦୦ ଦିନର ପାଠପଢ଼ା ଯେମିତି ସମ୍ଭବ ହୋଇପାରିବ ସେଥିପାଇଁ ପ୍ରତି ରବିବାର କ୍ଲାସ ହେବ ବୋଲି ଘୋଷଣା କରିଛନ୍ତି। ହେଲେ ସରକାରଙ୍କ ଏହି ଯୋଜନାର ସଫଳତାକୁ ନେଇ ସନ୍ଦେହରେ ପଡ଼ିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ। ବ୍ଲକର ୧୫ଟି ସରକାରୀ ହାଇସ୍କୁଲ ମଧ୍ୟରୁ ୧୧ଟିରେ ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ମାଟ୍ରିକ ପରୀକ୍ଷା ପୂର୍ବରୁ କେମିତି ପାଠ୍ୟକ୍ରମ ଶେଷ କରାଯାଇପାରିବ ତାହାକୁ ନେଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ବ୍ଲକର କିଶୋରନଗର ହାଇସ୍କୁଲରେ ବିଜ୍ଞାନ, କଳା, ସଂସ୍କୃତ, ଖେଳ ଶିକ୍ଷକ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ବାମୁର ଯୁବଜ୍ୟୋତି ହାଇସ୍କୁଲରେ ବିଜ୍ଞାନ, କଳା, ହିନ୍ଦୀ ଶିକ୍ଷକ ନାହାନ୍ତି। ରଣିଆକଟା ହାଇସ୍କୁଲରେ ସଂସ୍କୃତ, ହିନ୍ଦୀ, କଳା, କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ କରାଯାଉ ନାହିଁ। ଅଙ୍ଗପଡ଼ା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ, ହିନ୍ଦୀ ଶିକ୍ଷକଙ୍କ ସହ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି। କଦଳୀମୁଣ୍ଡା ହାଇସ୍କୁଲରେ ଖେଳ ଶିକ୍ଷକ, ଉରୁକୁଳା ରାଧାକୃଷ୍ଣ ହାଇସ୍କୁଲରେ ସଂସ୍କୃତ, ଖେଳ ଶିକ୍ଷକ, ନାକିଚି ମା' ମାହେଶ୍ୱରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ, କମ୍ପ୍ୟୁଟର ଶିକ୍ଷକ, ଆମ୍ବପାଳ ହାଇସ୍କୁଲରେ ଖେଳ ଶିକ୍ଷକ, ପ୍ରଧାନ ଶିକ୍ଷକ, ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ, କଳା ଶିକ୍ଷକ, ଫୁଲାମ୍ବା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ଏସବୁ ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଅନ୍‌ଲାଇନ୍ ପାଠପଢ଼ା ବାଧାପ୍ରାପ୍ତ ହୋଇଥିବା ନେଇ ବହୁ ଅଭିଯୋଗ ହେଉଛି। ଏପରିସ୍ଥଳେ ସରକାର ସ୍କୁଲ ଖୋଲିବାକୁ ଯାଉଥିବାରୁ ସେଠାରେ ଏସବୁ ପାଠ୍ୟକ୍ରମ କିପରି ଶେଷ କରାଯିବା ସହ ମାଟ୍ରିକ ପରୀକ୍ଷା ପୂର୍ବରୁ ପିଲାଙ୍କୁ ପ୍ରସ୍ତୁତ କରାଯାଇପାରିବ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷକ ଅଭାବ ସମସ୍ୟା ଦୂର ନିମନ୍ତେ ୨୦୧୯ ଫେବୃୟାରୀ ଓ ୨୦୨୦ ଜାନୁୟାରୀ ମାସରେ ଦୁଇଥର ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକ, ଜିଲା ଶିକ୍ଷା ଅଧିକାରୀ ଓ ଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏଯାଏ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ନୂତନ ନିଯୁକ୍ତି ଦିଆଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟ।

- ୧୫ ହାଇସ୍କୁଲରୁ ୧୧ଟିରେ ବହୁ ପଦବୀ ଖାଲି
- ୧୦୦ ଦିନରେ କେମିତି ଶେଷ ହେବ ପରୀକ୍ଷା ପ୍ରସ୍ତୁତି
- ଚିନ୍ତାରେ କିଶୋରନଗର ବ୍ଲକର ଛାତ୍ରୀଛାତ୍ର, ଅଭିଭାବକ

### ଅବସର ପରେ ପଦବୀ ଖାଲି ପଡୁଛି



ଯେଉଁ ବିଦ୍ୟାଳୟରୁ ଶିକ୍ଷକମାନେ ଅବସର ନେଇଛନ୍ତି ସେଠାରେ ନୂତନ ନିଯୁକ୍ତି ଦିଆଯାଉ ନାହିଁ। ତେଣୁ ଶିକ୍ଷକ ଅଭାବ ସମସ୍ୟା ଦୀର୍ଘଦିନ ଧରି ଲାଗିରହିଛି। ଏଥିଯୋଗୁ ପିଲାଙ୍କ ଅନ୍‌ଲାଇନ୍ ପାଠପଢ଼ାରେ ମଧ୍ୟ ଅସୁବିଧା ହୋଇଛି। ତୁରନ୍ତ ସରକାର ଖାଲି ପଡ଼ିଥିବା ପଦବୀ ପୂରଣ କରିବା ଦରକାର।

- ରମେଶ କୁମାର ବେହେରା, ବଇଣ୍ଡା

### ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଶେଷ କରାଯାଉ



ହାଇସ୍କୁଲ ଖୋଲାଯିବା ସହ ୧୦୦ ଦିନର ପାଠପଢ଼ା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେବଳ ଘୋଷଣା କରିଦେଲେ ହେବ ନାହିଁ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଯେପରି ଠିକ୍ ଭାବେ ଶେଷ ହେବ ସେଥିପ୍ରତି ସରକାର ଆବଶ୍ୟକ ଦୃଷ୍ଟି ଦେବା ଦରକାର। ଶିକ୍ଷକ ଅଭାବ ଏ ଦିଗରେ ବାଧକ ସାଜିବ।

- ମନୋଜ କୁମାର ମହାପାତ୍ର, ବଣିନାଳୀ

### ଶିକ୍ଷକ ଅଭାବ ବଡ଼ ସମସ୍ୟା



ହାଇସ୍କୁଲଗୁଡ଼ିକରେ ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ନେଇ ସରକାର ଅବଗତ ଥିଲେ ମଧ୍ୟ ପଦକ୍ଷେପ ନିଆଗଲା ନାହିଁ। ଦୀର୍ଘ ୯ ମାସ ମଧ୍ୟରେ ବହୁ ସ୍କୁଲର ଭିତ୍ତିଭୂମି ନଷ୍ଟ ହୋଇଛି। ଏଥିସହ ଶିକ୍ଷକ ଅଭାବ ବଡ଼ ସମସ୍ୟା ସୃଷ୍ଟି କରୁଥିବା ବେଳେ ସରକାର ପିଲାଙ୍କ ପାଠପଢ଼ା କେମିତି ସାରିବେ ତାହା ଚିନ୍ତାର ବିଷୟ।

-ବଂଶୀଧର ସେଠୀ, ଉରୁକୁଳା

### ନୂଆ ନିଯୁକ୍ତି ପ୍ରତି ଆଖିବୁଜି ଦିଆଯାଇଛି



ବଇଣ୍ଡା ହାଇସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିବା ଦୀର୍ଘଦିନର ସମସ୍ୟା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ଶିକ୍ଷା ଅଧିକାରୀ ଆଖିବୁଜି ବସିଛନ୍ତି। ଏବେ ହଠାତ୍ ସ୍କୁଲ ଖୋଲି ୧୦୦ ଦିନ ଭିତରେ ପିଲାଙ୍କୁ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ସରକାରଙ୍କ ଯୋଜନା ଆଶଙ୍କାରେ ପକାଉଛି।

-ଜଳଧର ସାହୁ, ସରପଞ୍ଚ, ନୁନୁକାପଶି

### ଅନ୍ୟ ଶିକ୍ଷକମାନେ ଯତ୍ନବାନ ହୁଅନ୍ତୁ



ହାଇସ୍କୁଲ ଗୁଡ଼ିକରେ ଖାଲି ପଡ଼ିଥିବା ପଦବୀରେ ନୂଆ ନିଯୁକ୍ତି ଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବ। ତେବେ ମାଟ୍ରିକ ପରୀକ୍ଷା ପୂର୍ବରୁ ପିଲାଙ୍କ ପ୍ରସ୍ତୁତିରେ ଯେପରି ବାଧା ସୃଷ୍ଟି ନ ହେବ ସେଥିପାଇଁ ଅନ୍ୟ ଶିକ୍ଷକମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯିବ।

- ଲଳିତମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ

## ସ୍ଥାୟୀ ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନ

**ଅନୁଗୋଳ ଅଫିସ, ୪।୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନିତ କରିବା ପାଇଁ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦୀର୍ଘଦିନ ହେଲା ଦାବି କରାଯାଉଛି। ତେବେ ବାରମ୍ବାର ଦାବି ପରେ ନେଫ୍ରୋଲୋଜି, ଗ୍ୟାଷ୍ଟ୍ରୋଲୋଜି, ୟୁରୋଲୋଜି ଆଦି ବିଭାଗର ବିଶେଷଜ୍ଞ ଡାକ୍ତର ସପ୍ତାହକୁ ଥରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ରୋଗୀ ଦେଖୁଥିଲେ। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଇତିମଧ୍ୟରେ ମାସକୁ ମାତ୍ର ଦିନଟିଏ ଏହି ବିଶେଷଜ୍ଞ ଡାକ୍ତରମାନେ ଆସି ରୋଗୀ ଦେଖିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଏପରି କାର୍ଯ୍ୟକୁ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ନିନ୍ଦା କରାଯାଇଛି। ଏହାଦ୍ୱାରା ଶହ ଶହ ଗରିବ ରୋଗୀ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେବା ସହିତ ଘରୋଇ ଡାକ୍ତରଖାନା ଯିବାକୁ ବାଧ୍ୟ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶନାମା ପ୍ରତ୍ୟାହାର ନ କଲେ ଆନ୍ଦୋଳନ କରାଯିବ ବୋଲି କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ତ୍ରେତାନନ୍ଦ ସାମନ୍ତ, ତୀର୍ଥବାସୀ ଭୋଇ, ରମେଶ ସାହୁ, ନିରୋଦ ପାଳ, ଦାମୋଦର ଦାସ, ବଳଦେବ କର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଖୋଲିବା ପୂର୍ବରୁ ସ୍କୁଲ ବିଶୋଧନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ,୪।୧**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୮ ତାରିଖରୁ ଢେଙ୍କାନାଳ ଜିଲାର ହାଇସ୍କୁଲଗୁଡିକ ଖୋଲାଯିବା ସହ ୧୦ମ ଓ ଦ୍ୱାଦଶ ଶ୍ରେଣୀରେ ପାଠପଢା ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଉକ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ବିଶୋଧନ ସହ ଜଳଯୋଗାଣ ଓ ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଜିଲା କାର୍ଯ୍ୟାଳୟ ଓସୱାନ ଭିଡିଓ କନଫରେନ୍ସ ହଲ୍‌ରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ପୌର ପରିଷଦ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ, ସିଡିପିଓଙ୍କ ସହ ଜିଲାରେ କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଖୋଲାଯିବାକୁ ଥିବା ବିଦ୍ୟାଳୟ ଗୁଡିକରେ ଜଳଯୋଗାଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନଶିକ୍ଷକମାନେ ଶ୍ରେଣୀ ଗୃହ ଏବଂ ସ୍କୁଲ ପରିସର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ଶିକ୍ଷକ ଏବଂ ହଷ୍ଟେଲରେ ରହିବାକୁ ଥିବା ଛାତ୍ରୀଛାତ୍ରମାନଙ୍କ କରୋନା ଟେଷ୍ଟ କରାଯିବାକୁ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ରୋକିବା ନିମନ୍ତେ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀମାନେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଆଣ୍ଟିଜେନ ଓ ଆର୍‌ଟିପିସିଆର ଟେଷ୍ଟ କରାଇବାକୁ କୁହାଯାଇଛି। ସେହିପରି ଜିଲାରେ ଖୋଲିଥିବା ୭ଟି ପ୍ରମୁଖ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନେ ଆଣ୍ଟିଜେନ ଟେଷ୍ଟ କେନ୍ଦ୍ରରେ ପରୀକ୍ଷା କରାଇନେବାକୁ ପରାମର୍ଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ(ଜନସ୍ୱାସ୍ଥ୍ୟ) ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଡେପୁଟୀ କଲେକ୍ଟର ସୀତାଂଶୁ ଶେଖର ଦାସ, ଆପତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକ।

## ରାମ ମନ୍ଦିର ପାଇଁ ପାଣ୍ଠି ସଂଗ୍ରହ

**ଅନୁଗୋଳ ଅଫିସ, ୪।୧**

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପାଣ୍ଠି ସଂଗ୍ରହ କରାଯାଉଛି। ଏଥିପାଇଁ ଏକ ଟିମ୍ ଅନୁଗୋଳରେ ପହଞ୍ଚିଛି। ଜିଲାର ୮ଟି ବ୍ଲକରେ ଭାଜପା କର୍ମକର୍ତ୍ତାଙ୍କ ସହ ବୈଠକ କରାଯିବା ସହ ସୋମବାର ଅନୁଗୋଳ ପୌରାଞ୍ଚଳର ଏକ ବିଦ୍ୟାମନ୍ଦିରରେ ଆଲୋଚନା କରାଯାଇଛି। ଲୋକମାନେ ସ୍ୱଇଚ୍ଛାରେ ଯାହା ଦାନ କରିବେ ତାହା ଗ୍ରହଣ କରାଯିବ। ଅଧିକ ଅର୍ଥ ଦେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ନିକଟରୁ ଦାନ ଗ୍ରହଣ କରାଯିବ ବୋଲି ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ କହିଛନ୍ତି। ଜିଲାରୁ କୋଟିଏ ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ଜିଲା ଭାଜପା ସଭାପତି ପ୍ରକାଶ କରିଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ବୈଠକ କରାଯାଉଥିବାରୁ ଏଯାଏ ପାଣ୍ଠି ସଂଗ୍ରହ ହୋଇ ନ ଥିବା ପ୍ରଧାନ ପ୍ରକାଶ କରିଛନ୍ତି।

## ପୂର୍ଣ୍ଣ ନିଯୁକ୍ତି ଦାବିରେ ଧାରଣା



ପାରାମେଡିକାଲ ଷ୍ଟାଫମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ, ୪।୧**

ଅନୁଗୋଳ ଜିଲାରେ କୋଭିଡ୍-୧୯ ମୁକାବିଲା ନିମନ୍ତେ ନିଯୁକ୍ତି ପାଇଥିବା ପାରା ମେଡିକାଲ ଷ୍ଟାଫମାନେ ସ୍ଥାୟୀ ନିଯୁକ୍ତି ଦାବିରେ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅନୁଗୋଳ ଷ୍ଟାଡିୟମ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ପରେ ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାଶ ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିବା ଜଣାପଡ଼ିଛି। ପାରାମେଡିକାଲ ଷ୍ଟାଫ୍‌ମାନଙ୍କ କହିବା ଅନୁଯାୟୀ, ଷ୍ଟାଫ ନର୍ସ ଓ ଲ୍ୟାବ୍ ଟେକ୍ନିସିଆନମାନଙ୍କୁ ପୂର୍ଣ୍ଣ ନିଯୁକ୍ତି ଦିଆଯାଇଛି। କିନ୍ତୁ ଫାର୍ମାସି, ଏଏନ୍‌ଏମ୍ ଓ ହେଲ୍‌ଥ ୱାର୍କରଙ୍କ ପ୍ରତି ପାତରଅନ୍ତର କରି ଚାକିରିରୁ କାଢ଼ି ଦିଆଯାଇଛି। ଜିଲାରେ କୋଭିଡ୍ ସଂକ୍ରମଣ ହ୍ରାସ କରିବାକୁ ଦିନ ରାତି ଏକ୍ କରି କାର୍ଯ୍ୟ କରିଛୁ। ତେଣୁ ଅନ୍ୟମାନଙ୍କ ପରି ସେମାନଙ୍କୁ ମଧ୍ୟ ପୂର୍ଣ୍ଣ ନିଯୁକ୍ତି ଦେବାକୁ ପାରାମେଡିକାଲ ଷ୍ଟାଫ୍‌ମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡାକ୍ତର ଦାଶ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରାଯାଇଛି। କାହା ନିକଟରୁ ଅର୍ଥ ନେଇ ନିଯୁକ୍ତି ଦିଆଯାଇ ନାହିଁ।

## ପ୍ରସ୍ତାବିତ ରାସ୍ତା ନିର୍ମାଣକୁ ବିରୋଧ

**ହିନ୍ଦୋଳ,୪।୧(ଡି.ଏନ.ଏ)**

ହିନ୍ଦୋଳ ବ୍ଲକ ଗାଲପଡା ପଞ୍ଚାୟତ ତର୍କାବେଡା-ଝାଡବନ୍ଧ ପ୍ରସ୍ତାବିତ ରାସ୍ତା ନିର୍ମାଣକୁ ତୀବ୍ର ବିରୋଧ କରିଛନ୍ତି ଗ୍ରାମବାସୀ। ଫଳରେ ରାସ୍ତା ଚିହ୍ନଟ କାରିବାକୁ ଆସିଥିବା ରାଜସ୍ୱ କର୍ମଚାରୀ ସୋମବାର ନିରାଶ ହୋଇ ଫେରି ଯାଇଥିବା ଜଣାଯାଇଛି।

ଘଟଣାରୁ ଜଣାପଡିଛି, ଝାଡବନ୍ଧ ଗ୍ରାମରେ ଏକ କମ୍ପାନୀ ପକ୍ଷରୁ ରାସ୍ତା କାମ ଜାରି ରହିଛି। ବିଗତ ୨୦୦୭ ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଗ୍ରାମବାସୀ ଉକ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ହେଲେ କମ୍ପାନୀ ପକ୍ଷରୁ ସେତେବେଳେ ରାସ୍ତା ନିର୍ମାଣ କରାଯାଇ ନ ଥିଲା। ଅପରପକ୍ଷରେ କମ୍ପାନୀ ରାସ୍ତାପାର୍ଶ୍ୱରେ ପାଚେରି ନିର୍ମାଣ କରିଥିଲା। ଏହାକୁ ଗ୍ରାମବାସୀ ସେତେବେଳେ ତୀବ୍ର ବିରୋଧ କରିଥିଲେ। କାରଣ ପାଚେରି ପଡିବା ଯୋଗୁ ହାତୀଙ୍କ ଚଲାପଥ ବନ୍ଦ ହୋଇଯାଇଥିଲା। ଏହାପରେ ହାତୀ ଗ୍ରାମରେ ପଶି ୩ ଜଣଙ୍କ ଜୀବନ ନେଇସାରିଲାଣି। ବର୍ତ୍ତମାନ କମ୍ପାନୀ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ନିରୀକ୍ଷକ କିଛି ନିର୍ଦ୍ଦିଷ୍ଟ ଗ୍ରାମବାସୀଙ୍କୁ ନୋଟିସ ଜାରି କରିଛନ୍ତି। ଏହା ଜାଣିବା ପରେ ରବିବାର ଗ୍ରାମରେ ବୈଠକ ବସି ରାସ୍ତା ଚିହ୍ନଟ କରାଇ ନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସୋମବାର ରାଜସ୍ୱ ନିରୀକ୍ଷକ ପୋଲିସ ସୁରକ୍ଷା ମଧ୍ୟରେ ରାସ୍ତା ଚିହ୍ନଟ କରିବାକୁ ପ୍ରୟାସ କରିବା ବେଳେ ଗ୍ରାମର ମହିଳାପୁରୁଷମାନେ ପ୍ରତିବାଦ କରିଥିଲେ। ଫଳରେ ରାସ୍ତା ଚିହ୍ନଟ ହୋଇପାରି ନ ଥିଲା।


ମହିଳାମାନେ ରାସ୍ତା ଉପରେ ବସି ରହିଛନ୍ତି।

## ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ

**ଅନୁଗୋଳ ଅଫିସ, ୪।୧**

ଅନୁଗୋଳ ଜିଲା ତାଳଚେର ଅଞ୍ଚଳରୁ ଟ୍ରେନ୍‌ରେ କୋଇଲା ପରିବହନ ଉପରେ ଗୁରୁତ୍ୱ ଦିଆଯାଉଛି। ପୂର୍ବପରି ଟ୍ରକ୍ ଯୋଗେ କୋଇଲା ପରିବହନ ପାଇଁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ସଂଘ ସଦସ୍ୟମାନେ ସୋମବାର ଅନୁଗୋଳ ଷ୍ଟାଡିୟମ ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏହାପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲା। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସଂଘ ପକ୍ଷରୁ କୁହାଯାଇଛି, ତାଳଚେର ଅଞ୍ଚଳରେ ପ୍ରାୟ ୬ ହଜାର ଟ୍ରକ୍ ଥିବାବେଳେ ଏହା ଉପରେ ୪୫ ହଜାର ଲୋକ ନିର୍ଭର କରନ୍ତି। କିନ୍ତୁ କୋଇଲା ମନ୍ତ୍ରଣାଳୟର ନୂଆ ନିୟମ ପାଇଁ ଟ୍ରକ୍ ମାଲିକମାନଙ୍କ ଜୀବନଜୀବିକା କ୍ଷତିଗ୍ରସ୍ତ ହେଉଛି। ପୂର୍ବରୁ ୬୦ ପ୍ରତିଶତ କୋଇଲା ଟ୍ରେନ୍ ଯୋଗେ ଓ ୪୦ ପ୍ରତିଶତ ଟ୍ରକ୍‌ରେ ପରିବହନ ହେଉଥିଲା। ଫଳରେ ଦୈନିକ ୩ ହଜାର ଟ୍ରକ୍‌ରେ କୋଇଲା ବିଭିନ୍ନ କମ୍ପାନୀକୁ ଯାଉଥିଲା। କିନ୍ତୁ ବର୍ତ୍ତମାନ ମାତ୍ର ୧ ହଜାର ଟ୍ରକ୍‌କୁ ପରିବହନରେ ସାମିଲ କରାଯାଇଛି। ଫଳରେ ଟ୍ରକ୍ ମାଲିକମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଲକ୍‌ଡାଉନ ପରେ ଟ୍ରେନ୍ ଓ ଟ୍ରକ୍‌ରେ ସମାନ ପରିମାଣର ପରିବହନ ପାଇଁ ଏମଏମ୍‌ସିଏଲ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବାରୁ ସମସ୍ତ କମ୍ପାନୀ ଟ୍ରେନ୍ ଯୋଗେ କୋଇଲା ପରିବହନ କରୁଛନ୍ତି। ଟ୍ରକ୍ ଯୋଗେ କୋଇଲା ପରିବହନ କରା ନ ଗଲେ ଆସନ୍ତା ୧୧ ତାରିଖଠାରୁ ରେଳପଥ ଅବରୋଧ କରାଯିବ ବୋଲି ସଂଘ କର୍ମକର୍ତ୍ତା ଦିଲୀପ କୁମାର ପାଣି, ମୁରଲୀଧର ସାହୁ, ବଜ୍ର ଅଗ୍ରୱାଲ, ଜନାର୍ଦ୍ଦନ ମହାନ୍ତ ପ୍ରମୁଖ ଜିଲାପାଳଙ୍କୁ ଭେଟି ଚେତାବନୀ ଦେଇଛନ୍ତି। ଏ ନେଇ ଏମ୍‌ସିଏଲ୍ ଓ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଆଲୋଚନା କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତାଳଚେର ଟ୍ରକ୍ ମାଲିକ ସଂଘ ସଦସ୍ୟମାନେ।

- ଟ୍ରେନ୍‌ରେ କୋଇଲା ପରିବହନକୁ ଦିଆଯାଉଛି ଗୁରୁତ୍ୱ
- ରୋଜଗାର ହରାଇଛନ୍ତି ୧୫ ହଜାର ଲୋକ
- ୧୧ ତାରିଖ ସୁଦ୍ଧା ପଦକ୍ଷେପ ନିଆଯିବାକୁ ଦାବି

